ଜହ୍ନି ଓଷା କଥା





ବୃନ୍ଦାବନ ପାଳଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ

PRINTED BY
S. S. PADHI
AT THE SARADA PRESS
BERHAMPUR, GANJAM
1930

ମୂଲ୍ୟ ୦: ୦ ୯ ଛଅ ପଇସା

ଜହ୍ନି ଓଷା



କହନ୍ତି ମିତଣୀ ଶୁଣ ତୁଳସୀ । ଆଶ୍ୱିନ ମାସରେ ପଡ଼େ ଏ ଓଷା ॥ ଉତରଣି ଦିନ ଯାଏ ନିର୍ମଳ ହୋଇ । ଲଥ ଉଖୁଡ଼ା ଯେ ଯାହା ମିଳଇ ॥ ଜହ୍ନିଫୁଲ ଦେଇ ଯେ ଯାହା ବାଳୀ । ଓଷା ପୂଜନ୍ତି ଦେଇ ହୁଳହୁଳି ॥ ମଣ୍ଡନ ଅପୂର୍ବ ପୂଜନ କରି । ବାଳ ଝିଅମାନେ ହୋଇଣ ନିର୍ମଳ ॥ ଏ ଓଷା କଲେ ଶ୍ଳ କ ମନ ହୁଏ । ଯାହା ମନାସିବ ସେ ଫଳ ପାଏ ॥ ଦେହରେ ଯେଉଁ ବ୍ୟାଧିମାନ ଥିବ । ଜହ୍ନିଓଷା କଲେ ଭଲ ହୋଇବ । ଯେଉଁ ଲୋକମାନେ ଠାହ୍ଲ କରିବେ । ଅପୁତ୍ରିକ ହୋଇ ସେହି ମରିବେ । ଯେଉଁ ଲୋକମାନେ ଆନନ୍ଦ ହେବେ । ଧନ ଜନ ଗୋପ ଲକ୍ଷ୍ମୀ ପାଇବେ । ଏଥୁଅନନ୍ତରେ ଶୁଣ ସୁଜନ । ଆହୁର କଥାଏ କହିବା ପୁଣ । ମହାରାଷ୍ଟ୍ର ଦେଶେ ଅଛଇ ଘର । ନାମ ଯେ ତାହାର ଶ୍ରୀମହେଶ୍ୱର ॥ ତାର ଭାରିଯା ନାମ ଜମ୍ବୁବତୀ । ସେହି ପିଲାଙ୍କୁ କଲାକ ଇଙ୍ଗିତ । ମୁଢ଼ି ଖାଇବାର ମରମ ଜାଣ । ଏହା କହିଗଲା ଘରକୁ ପୁଣ ॥ ଏ କଥ ଶୁଣିଣ ସେ ବୃନ୍ଦାବତୀ । ମାୟାରେ ସର୍ପ ପେଷିଲେ ଝଟତି । ଶେଯରେ ଶୋଇଛି ତାହି ବାଳକ । ଦଂଶିଲା ଯାଇ ତାକୁ କାଳସର୍ପ ॥ ମାତା ତାର କ୍ଷୀର ଦେବାକୁ ଗଲା । ଯାଇଣ ପୁତ୍ରକୁ କୋଳେ ଧଇଲା ॥ ଦେଖିଲା ତାର ଶରୀରେ ପ୍ରାଣ ନାହିଁ । ହା ପୁତ୍ର ବୋଲି ରୋଦନ କରଇ । ହରେ ମୁଁ କେଉଁ ପାପ କରିଥିଲି । ଏ ଜନ୍ମେ ମୁହିଁ ଅଣ୍ଟୁକୁଡ଼ୀ [illegible]ଲି ॥ ଏହି ସମୟରେ ପିତା ତାହାର । ପଚାରେ ମଲା କେମନ୍ତେ [illegible] ॥ ଭାରିଯା ବୋଲେ ବାଳଝିଅମାନେ । ଓଷା କରୁଥିଲେ ଆନନ୍ଦ [illegible] । ତାହାଙ୍କୁ ଦେଖି ମୁଁ ଇଙ୍ଗିତ କଲି । ଇଙ୍ଗିତ କରି ଏ ଦଣ୍ଡ [illegible]ଲି । ଗୃହସ୍ଥ ବୋଲେ ଶୁଣ ଏବେ ଯିବା । ବୃନ୍ଦାବତୀଙ୍କ ଚରଣ

ସେବକ ।। ଦୁଇ ପ୍ରାଣିଙ୍କର ଏକଇ ମନ । ବୃନ୍ଦାବତୀଙ୍କି ମନେ କଲେ
ଧ୍ୟାନ ।। ଜୀଆଇଦେବ ଯେବେ ମୋ କୁମର । ବାନା ବଖ୍ୟାଡ ହୋଇବ
ଭୁମ୍ବର । ତାହାଙ୍କ ଭକ୍ତି ଦେଖି ବୃନ୍ଦାବତୀ । ପ୍ରସନ୍ନ ହୋଇଲେ ଆସି
ଝଟକେ । କହିଲେ ଗୃଣ୍ଡ୍ରାଳୁଣୀ ଘରକୁ ନାଲୁ । ଓଷାକୁ ମୋର କୃପା ନନ୍ଦା
କଲୁ । ମାଏ ଜାଣି ତାର ବକଲମନ । ପୁତ୍ର ପାଶରେ ମିଳିଲେ ବହନ ।
ପୁତ୍ରକୁ ଯେ ତାର ଜୀଆଇଁଦେଲେ । ବୃନ୍ଦାବତୀ ଅନ୍ତର୍ଦ୍ଧାନ ହୋଇଲେ ।
ଶେଯରେ ବସି କାନ୍ଦଇ କୁମର । ଆନନ୍ଦ ମନେ ଧାଇଁଲା ହୋଇର ।
ବୃନ୍ଦାବତୀଙ୍କର ଆଜ୍ଞା ଏମନ୍ତ । ଆନନ୍ଦ ମନେ କରିବ ଏ ବ୍ରତ ।।
ସରଳ ଦିନ ଉପବାସ ଥିବ । ପିଠାପଣା କରି ପୂଜା କରିବ ।
ଏମନ୍ତେ ଚଉର ମୂଳରେ ପୁଣ । ପୂଜାକରି ସାରି ଅର୍ଘ୍ୟ ଦେଇଣ ।।
ଆନନ୍ଦ ମନେ ହୁଳହୁଳି ଦେଲେ । ଯେ ଯାହା ଘରକୁ ପିଲାଏ ଗଲେ ।
ଏଗାର ଅକ୍ଷର ଚୋତିଶ ପଦ । ସମ୍ପୂର୍ଣ୍ଣ ହୋଇଲା ପ୍ରଥମ ଛାନ୍ଦ ।।

—:୦:—

କହିବା କଥାଏ ଶୁଣ ସୁଜନ । ମନରେ କିଛି ନ ଧରିବ ଆନ ।।
କଥାଏ ମନରେ ପଡ଼ିଲା ମୋର । କୁଳସୀଦେବୀଙ୍କ ଏ ଓଷା ସାର ।।
ଯେଉଁ ପିଲାମାନେ ଓଷା କରନ୍ତି । ଅନ୍ତ୍ୟୁରର ତାହାଙ୍କୁ ଦିଅନ୍ତି ।
ଏମନ୍ତେ ଓଡ଼ିଆସ୍ଥାନମେ ପୁରେ । ତହିଁରେ ଅଛି ଏକ ସାହୁଘର ।।
ନାମ ତାହାର ଅଟେ ଭଗୀରଥୀ । ତାର ଭରତା ନାମ ଯେ ସୁକାନ୍ତ ।।
ତାହାର ଅଟନ୍ତି ପାଞ୍ଚଟି ପୁଅ । ପାଞ୍ଚ ପୁଅରେ ଗୋଟିଏ କ ଝିଅ ।। ତାର
ଝିଅ ନାମ ଅଟଇ ରାଧୀ । ତାର ଦେହରେ ହେଲା କୁଷ୍ଠବ୍ୟାଧି ।।
ମାତା ତାହାର ଦେଖିଣ କାନ୍ଦଇ । କେଉଁ ଦେବତା ଥିଲେ ଏହା
ନହି । ଦେଖିଲା ଚଉରକୁ ମୂଳରେ ପୁଣ । ପୂଜୁଛନ୍ତି ପିଲା ମେଳ
ହୋଇଣ ।। ସୁକାନ୍ତ ପଚାରେ ପିଲାଏ ଶୁଣ । ଏ ଓଷା କଲେ
କେଉଁ ଗୁଣ । ଦେହରେ ଯେତେ ବ୍ୟାଧିମାନ ଥିବ । ଏ ଓଷା
ଭଲ ହୋଇଯିବ ।। ଯେବେ ମୋ ପିଲାଙ୍କ ଭଲ ହୋଇବ ।

ରବ ॥ ଏମନ୍ତ କହୁଣ ଗଲା ସେ ବାଳୀ । ତାହା
। ପୁଣି ହୁଳହୁଳ ॥ ଏମନ୍ତ କେତେ ଦନ ତହିଁ ଗଲା ।
ି ଦେହ ବେଗ ହୋଇଲା ॥ ପିଲାମାନେ ସମସ୍ତେ ମେଳ
ଦେନ ପୂଜନ୍ତି ହୁଳହୁଳ ଦେଇ ॥ ତାର ଦେହରୁ କୁଷ୍ଠବ୍ୟାଧି
ଗଲା କରିବ ବୋଲିଣ ବୋଇଲା । ବାହ୍ମଣ ମାତାଙ୍କୁ କହଇ
ଝିଅ । ରବ ତୁକା ମୋତେ ଦଅ । ଶୁଣିଣ ମାତା କ୍ରୋଧଭର
ହୋଇ ର ଓଷା ବୋଲିଣ ବୋଲଇ ॥ ଏମନ୍ତ ଶୁଣିଣ ସେ
ବୃନ୍ଦାବତୀ ଦ୍ୱାରେ ଗୃହ ପେଷିଲେ ଝଟତ ॥ ତାର ପୁଅଙ୍କୁ ତହିଁ
ଦେଖି ଗଲେ କୋରଡ଼ ଭିତରେ ନେଇ ଥୋଇଲେ ॥ ପୁତ୍ରଙ୍କୁ
ନ ପାଇଲା ଖୋଜ କରଇ । ମାତା କାନ୍ଦଇ ତାଙ୍କ ନାମ ଧରି ॥
କେଣେ ଗଲ ରେ ରଙ୍କଣୀଧନ । ନ ଦେଖିଲି ଆଉ ତୁମ୍ଭ ବଦନ ॥
ଏମନ୍ତ ବୋଲି ବ୍ୟାକୁଳ ମନ । ବୃନ୍ଦାବତୀଙ୍କି ମନେ କଲା ଧ୍ୟାନ ॥
ପାଞ୍ଚପୁଅଙ୍କୁ ମୁଁ ବେ ପାଇବି । ପାଞ୍ଚଟି କାକର ପୂଜା କରିବି ॥
ବୋଇଲେ ବହେ ଗରବ କଲୁ । ଓଷାକୁ କରି ଭୁ ବୋଲି ବୋଇଲୁ
ସ୍ୱପନରେ ତାଙ୍କୁ ଣ ଗଲେ । ଝିଅ ତୋର ଓଷା କରୁ ବୋଇଲେ
ଏମନ୍ତ ଝିଅ ତାର ମା କଲା । ପାଞ୍ଚଟି କାକର ତନଲ ଦେଲା ॥
ଆନନ୍ଦ ମନେ ପୂଜା ଯେ କଲେ । ହୁଳହୁଳ ଦେଇ ଘରକୁ ଗଲେ ॥
ପାଞ୍ଚପୁତ୍ର ପୁଣି ଘରେ ଚଳେ । ଆନନ୍ଦରେ ସୁଖେ ତାଙ୍କ କାଟିଲେ ॥
ଏଗାର ଅକ୍ଷର ଛାରଣୀଦ । ସମ୍ପୂର୍ଣ୍ଣ ହୋଇଲା ଦ୍ୱିତୀୟ ଛନ୍ଦ ॥

—o✽o—

ଏଥୁ ଅନନ୍ତରେ ଶୁଣ ହେ ରସ । ତୁଳସୀଦେବୀ ମହିମା ଅଶେଷ ॥
କର୍ଣ୍ଣାଟ ଦେଶରେ ତାହାର ଘର । ନାମ ତାହାର ଅଟେ ପୀତାମ୍ବର ॥
ଲୀଳାବତୀ ନାମ ତାର ପ୍ରିୟତମା । ତାହାର ଅଟଇ ବଡ଼ ଭକତ ॥
ସାତପୁତ୍ରରେ ତା ଗୋଟିଏ ଝିଅ । ଝିଅଠାରେ ତାର ଅତ୍ୟନ୍ତ ସ୍ନେହ ॥
ଝିଅ ବୋଲଇ ମାତ ତୁମ୍ଭେ ଶୁଣ । ଏ ଓଷା କରିବି ମୁହିଁ ପୁଣ ॥